## ସଂକ୍ଷେପରେ

### ମଦ, ପୋଚ ନଷ୍ଟକଲେ ଅବକାରୀ କର୍ମଚାରୀ

ଡାବୁଗାଁ, ୧୫।୩ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରି ପୋଚ ନଷ୍ଟ କରିଛି। ଉମରକୋଟ ଅବକାରୀ ନିରୀକ୍ଷକ ହରିହର ସିଂ ଓ ସୁଧୀର ସାହୁଙ୍କ ତତ୍ତ୍ୱାବଧାନରେ ଡାବୁଗାଁ ଅବକାରୀ କର୍ମଚାରୀ ଜଟାବାଲ, ଶୁଣ୍ଢୀଗୁଡ଼ା, ନୂଆଗୁଡ଼ା, ଜୟନ୍ତୀନଗର, ମାନିଗାଁ, ଜୁନାପାଣି ଗ୍ରାମରେ ଚଢ଼ାଉ କରିଥିଲେ। ୯୦ ଲିଟର ଦେଶୀମଦ ଓ ୨୬୦୦ କି.ଗ୍ରା. ମହୁଲ ପୋଚ ଜବତକରି ପୋଲିସ ନଷ୍ଟ କରିଛି। ଡାବୁଗାଁ ଅବକାରୀ ଉପନିରୀକ୍ଷକ ବିଜୟ ଭୂଷଣ ନାୟକ, ଅମିୟ ଖଞ୍ଜା, ସହକାରୀ ଉପନିରୀକ୍ଷକ ମାଖନ ହାଲ୍‌ଦାର, ରାଜେନ୍ଦ୍ର ପଟ୍ଟନାୟକ, ସୁନାଧର କିର୍ଷାନୀ, କର୍ମଚାରୀ ସୁବାସ ଗୌଡ଼, ନାରାୟଣ ମୁଦୁଲି, ରଣି ଜାନି, ସଦାଶିବ ଭତ୍ରା, ରଞ୍ଜିତ ସିଂ, ଦେବାଶିଷ ଦାସ, ଛତର ଗଣ୍ଡ, ରୀନା ଗଡ଼ନାୟକ, କାଲିମୁନୀ ମୁଦୁଲି, ଜ୍ୟୋତ୍ସ୍ନା ହରିଜନ ଚଢ଼ାଉରେ ସାମିଲ ହୋଇଥିଲେ।

### ଚନ୍ଦ୍ରପୁରରେ ସ୍ୱାସ୍ଥ୍ୟ ଶିବିର

ଚନ୍ଦ୍ରପୁର, ୧୫।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଅଷ୍ଟମ ବାଟାଲିୟନ ସିଆର୍‌ପିଏଫ୍ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମ ବାଟାଲିୟନ କମାଣ୍ଡାଣ୍ଟ ଦେଭ ପୀୟୂଷ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ଯୁଗାପଦର, ପୋଇଗୁଡ଼ା, ଡାଙ୍ଗସୋରଡ଼ା, ପାଶ୍ରାଖାଲ ଆଦି ଗ୍ରାମର ବହୁ ବୃଦ୍ଧାବୃଦ୍ଧ, ମହିଳା ପୁରୁଷ, ଯୁବତୀ ଯୁବକ ସାମିଲ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା



କରିଥିଲେ। ଏହାପରେ ସେମାନଙ୍କୁ ରେଡିଓ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରାହୁଲ କୁମାର ସାହୁ, ଡେପୁଟି କମାଣ୍ଡାଣ୍ଟ ଦଲଭୀର ସିଂ, ଡାଙ୍ଗସୋରଡ଼ା ସରପଞ୍ଚ ଅନୀତା ଶବର, ସରକାରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟଲାଲ ନାୟକଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ଭାଜପାର ପ୍ରସ୍ତୁତି ବୈଠକ

ଉମରକୋଟ, ୧୫।୩(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ନିର୍ବାଚନକୁ ନେଇ ଭାଜପାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୪ ୱାର୍ଡର କାଉନ୍‌ସିଲର ଏବଂ ଅଧକ୍ଷା ପ୍ରାର୍ଥୀ ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପ୍ରଭାରୀ ତଥା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ସୟଦ କାଜାମ ମଦାନୀ, ଜିଲା ସମ୍ପାଦକ ରାମ ନାୟକ, ଉମରକୋଟ ନଗର ସଭାପତି ସୁରେଶ ଆଚାର୍ଯ୍ୟ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ମନ୍ଦିରା ନାୟକ, ପୌରାଧକ୍ଷା ପ୍ରାର୍ଥିନୀ ରିଙ୍କି ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେ ନେଇ ଆଲୋଚନା କରାଯାଇଥିଲା।

### ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଜବତ

ଚନ୍ଦାହାଣ୍ଡି, ୧୫।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ବଡାଝର ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ମୃତଦେହ ମିଳିଛି। ମୃତକଙ୍କ ପରିଚୟ ମିଳିନି। ଏକ ଗଛରେ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀଙ୍କ ଫଁଟିକି ସମିତି ସଭ୍ୟ ସନ୍ତୋଷ ପଟ୍ଟନାୟକ ଓ ଚନ୍ଦାହାଣ୍ଡି ଥାନାଧିକାରୀ ପରମାନନ୍ଦ ସୁନାନୀଙ୍କୁ ଜଣାଇଥିଲେ। ଖବରପାଇ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ବୈଷୟିକ ଟିମ୍ ଆସି ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନ ଥିବା ଥାନାଧିକାରୀ କହିଛନ୍ତି।

# ଦଳକୁ ପଛରେ ରଖି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବୁ

ଉମରକୋଟ, ୧୫।୩(ସ୍ୱ.ପ୍ର.)

**ଉମରକୋଟ ପୌର ପରିଷଦ ୱାର୍ଡ ନଂ. ୧୦**

ପୌର ନିର୍ବାଚନକୁ ନେଇ ୱାର୍ଡଗୁଡ଼ିକ ଚଳଚଞ୍ଚଳ। ନିର୍ବାଚନ ମଇଦାନରେ ଥିବା ପ୍ରାର୍ଥୀ ଭୋଟରଙ୍କୁ ମନେଇବାରେ ଲାଗିପଡ଼ିଛନ୍ତି। ଉମରକୋଟ ୱାର୍ଡ ନଂ. ୧୦ରେ ପ୍ରାର୍ଥୀ ଓ ତାଙ୍କ ସମର୍ଥକଙ୍କ ଭିଡ଼ ଲାଗିଛି। ଏହି ୱାର୍ଡରେ ଅଧିକାଂଶ ଭୋଟର ଶିକ୍ଷିତ। ଦଳ ନୁହେଁ ବରଂ ପ୍ରାର୍ଥୀଙ୍କୁ ଦେଖି ଭୋଟ ଦେବୁ। ଶିକ୍ଷିତ, ମେଳାପୀ, ପରୋପକାରୀ ପ୍ରାର୍ଥୀଙ୍କୁ ଭୋଟ ଦେବୁ ବୋଲି ସେମାନେ କହିଛନ୍ତି।

ଉମରକୋଟ ସହରର ୧୦ନଂ. ୱାର୍ଡ ବା ଗୁଳିପାଟଣା ସାହି। ଏଠାରେ ୨୪୫୩ ଭୋଟର ଅଛନ୍ତି। ଚଳିତ ଥର ଏହି ୱାର୍ଡ ସାଧାରଣ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ୱାର୍ଡଟି ସହରର ଦ୍ୱିତୀୟ ବୃହତମ ୱାର୍ଡ। ଏଠାରୁ ତିନି ପ୍ରମୁଖ ଦଳରୁ ୩ଜଣ ଶିକ୍ଷିତ ମହିଳା ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସରୁ କାମିନୀ ପାଢ଼ୀ, ବିଜେଡିରୁ କମଳା ପୂଜାରୀ, ଭାଜପାରୁ କନକଲତା ନାୟକ ଅଛନ୍ତି। ଖରାପ ରାସ୍ତା, ପାନୀୟ ଜଳ ଅଭାବ, ଡ୍ରେନେଜ ଅବ୍ୟବସ୍ଥା ରହିଛି। ବାର୍ଦ୍ଧକ୍ୟ ଭତ୍ତାରୁ ଏବେବି ଅନେକ ଲୋକ ବଞ୍ଚିତ ଅଛନ୍ତି। ନିର୍ବାଚିତ ହେଲେ ସମସ୍ୟାକୁ ଅଗ୍ରାଧିକାର ଦେଇ ସମାଧାନ ପାଇଁ ଚେଷ୍ଟା କରିବେ। ସମସ୍ୟାକୁ ଠିକ୍‌ଭାବରେ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିବେ। ୱାର୍ଡର ରାସ୍ତା ମରାମତି, ପାନୀୟ ଜଳ ଯୋଗାଣ ଉପରେ ବିଶେଷ ଧ୍ୟାନ ଦେବେ ବୋଲି କଂଗ୍ରେସ ପ୍ରାର୍ଥୀ କହିଛନ୍ତି।

ଲୋକଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେଇ ତାହାର ସମାଧାନ ପାଇଁ ଅହରହ ଚେଷ୍ଟା କରିବେ। ନିର୍ବାଚିତ ହେବାର ଏକ ମାସ ମଧ୍ୟରେ ଇଲେକ୍ଟ୍ରି ଅଫିସ ପଛପଟେ ରହିଥିବା ସାହିବାସୀଙ୍କ ପାଇଁ ରାସ୍ତା ଓ ଡ୍ରେନ୍‌ର ବ୍ୟବସ୍ଥା କରିବେ। ବର୍ଜ୍ୟବସ୍ତୁ ଉଠା ଗାଡ଼ି ପ୍ରତ୍ୟେକ ସାହିକୁ କିପରି ଯିବ ତାହାର ବ୍ୟବସ୍ଥା କରିବେ ବୋଲି ବିଜେଡି ପ୍ରାର୍ଥୀ କହିଛନ୍ତି। ତାଙ୍କୁ ଜିତାଇଲେ ସେ ସବୁଜ, ସୁନ୍ଦର ୱାର୍ଡ ଗଢ଼ିବାରେ ଭୋଟର ସହଯୋଗ କରିବେ ଏହି ବିଶ୍ୱାସ ସେ କରନ୍ତି ବୋଲି କହିଛନ୍ତି।

ଲୋକଙ୍କ ସ୍ନେହ ଓ ସମର୍ଥନ ଦେଖି ମୁଁ ଅନୁମାନ କରୁଛି ଏହି ୱାର୍ଡରେ ଚଳିତ ଥର ପରିବର୍ତ୍ତନ ନିଶ୍ଚୟ ହେବ। ୱାର୍ଡକୁ ପରିଷ୍କାର ରଖିବାକୁ ସବୁବେଳେ ଚେଷ୍ଟା କରିବେ ବୋଲି ଭାଜପା ପ୍ରାର୍ଥୀ କହିଛନ୍ତି। ଅନେକ ସାହିକୁ ପକ୍କାରାସ୍ତା, ଡ୍ରେନେଜ ବ୍ୟବସ୍ଥା କରିବେ। ୧୦ ନମ୍ବର ୱାର୍ଡର ମୁଖ୍ୟ ସମସ୍ୟା ପିଇବାପାଣିର ଶୀଘ୍ର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି।

## ଚାଷୀଙ୍କୁ ଉନ୍ନତ କୃଷି ପଦ୍ଧତି ବିଷୟରେ ବୁଝାଇଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ଚାଷୀଙ୍କୁ ସଚେତନ କରୁଛନ୍ତି।

ଉମରକୋଟ,୧୫।୩(ସ୍ୱ.ପ୍ର.)

**କୃଷି ଛାତ୍ରୀଛାତ୍ରଙ୍କ ଗ୍ରାମୀଣ କୃଷି କାର୍ଯ୍ୟ ଅଭିଜ୍ଞତା କାର୍ଯ୍ୟକ୍ରମ**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସାନକୁମାରୀ ଏବଂ ସାନକୁମାରୀ ଆଦିବାସୀ ଗ୍ରାମରେ ଏମ୍.ଏସ୍. ସ୍ୱାମୀନାଥନ୍ କୃଷି ବିଦ୍ୟାଳୟ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗ୍ରାମୀଣ କୃଷି କାର୍ଯ୍ୟ ଅଭିଜ୍ଞତା କାର୍ଯ୍ୟକ୍ରମ(ଆରଏଡବ୍ଲୁଇପି) ଅନୁଷ୍ଠିତ ହୋଇଯାଇଛି। ୨୦୧୮ରୁ କୃଷି ବିଜ୍ଞାନ ବିଷୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହା ଥିଲା ଶେଷ ବର୍ଷ ମୂଲ୍ୟାଙ୍କନର ଅଂଶବିଶେଷ। ଛାତ୍ରୀଛାତ୍ର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ କୃଷି ଏବଂ କୃଷି ସମ୍ପର୍କିତ ଆନୁଷାଙ୍ଗିକ ବ୍ୟବସ୍ଥା ବିଷୟରେ ନିଜେ ଅବଗତ ହେବା ସହ ଚାଷୀଙ୍କୁ ଉନ୍ନତ କୃଷି ପଦ୍ଧତି ବିଷୟରେ ବୁଝାଇଥିଲେ।

ଏହି ପରିପ୍ରେକ୍ଷୀରେ ଛାତ୍ରୀ ଚନ୍ଦ୍ରିକା ରାୟ, ଛାତ୍ର ଶାନ୍ତନୁ ମିଶ୍ର, ଗାର୍ଗେୟ ନାୟକ, ପ୍ରିୟ ରଞ୍ଜନ ମହାନ୍ତି, ଆଶିଷ କୁମାର ପାଢ଼ୀ ଏବଂ ତୁଷାର ରଞ୍ଜନ ସେଠୀ ଚାଷୀଙ୍କୁ ଅଂଶ ଗ୍ରହଣକାରୀ ଗ୍ରାମୀଣ ମୂଲ୍ୟାଙ୍କନ(ପିଆର୍‌ଏ) ପଦ୍ଧତି ବିଷୟରେ ପରିଚୟ କରାଇବା ସହ ଏହି ପଦ୍ଧତି ପ୍ରୟୋଗ କରି ସର୍ବୋତ୍ତମ ଫଳାଫଳ ପାଇବା ପାଇଁ ଉତ୍ସାହିତ କରିଛନ୍ତି। ମୁଖ୍ୟତଃ କୃଷି ସମ୍ବନ୍ଧୀୟ ସୂଚନା, ଯୋଜନା ଏବଂ ନିଷ୍ପତ୍ତି ବିଷୟରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଉନ୍ନତ ମାନର ବିହନ ବ୍ୟବହାର ସହ କୃଷି ବିଜ୍ଞାନ କେନ୍ଦ୍ରର ପରାମର୍ଶ କ୍ରମେ ଅଣୁସାର ଓ କୀଟନାଶକ ପ୍ରୟୋଗ, ଉନ୍ନତ କୃଷି ପଦ୍ଧତିର ବ୍ୟବହାର ଦ୍ୱାରା ଚାଷୀ ଅଧିକ ଲାଭବାନ ହୋଇପାରିବେ ବୋଲି ଛାତ୍ରୀଛାତ୍ରମାନେ ବୁଝାଇଥିଲେ।

## ଭୋଟିଂ ପ୍ରକ୍ରିୟା, ସିଲିଂ ପଦ୍ଧତି ତାଲିମ ନେଲେ ଅଧିକାରୀ




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ରାୟଗଡ଼ା ଅଫିସ, ୧୫।୩

ମାର୍ଚ୍ଚ ୨୪ରେ ରାୟଗଡ଼ ପୌରାଞ୍ଚଳରେ ନିର୍ବଚନ ହେବ। ଏଥିପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି। ଏହାପରେ ମଙ୍ଗଳବାର ରାୟଗଡ଼ ବ୍ଲକ ସଦ୍‌ଭାବନା ଗୃହରେ ନିର୍ବଚନ ପ୍ରକ୍ରିୟାରେ ଭାଗନେଉଥିବା ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ଅତିରିକ୍ତ ଜିଲାପାଳ ବ୍ରହ୍ମାନନ୍ଦ ବେହେରା ଇଭିଏମ୍‌ର ବ୍ୟବହାର, ଅଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ପାୱାର ପଏଣ୍ଟ ମାଧ୍ୟମରେ ଭୋଟିଂ ପ୍ରକ୍ରିୟା, ସିଲିଂ ପଦ୍ଧତି ଓ ଫର୍ମପୂରଣ କୌଶଳ ପ୍ରଦାନ କରାଯାଇଥିଲା। ଉପଜିଲାପାଳ ପୋଲିଂ ଅଧିକାରୀଙ୍କ ଭୂମିକା ଓ ଫର୍ମ ପୂରଣ ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ତହସିଲଦାର ସୁନୀଲ ଖୋରା ଓ ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର ତାଲିମାର୍ଥୀଙ୍କୁ ସ୍ୱତନ୍ତ୍ର ଭାବରେ ବାଲଟ ଓ କଣ୍ଟ୍ରୋଲ ୟୁନିଟ୍‌କୁ ଯୋଡ଼ିବା, ମକ୍ ପୁଲ୍ ପ୍ରକ୍ରିୟା, ସିଲିଂ ଆଦି କୌଶଳ ସମ୍ପର୍କରେ ବୁଝାଇଥିଲେ। ଏଥିରେ ୩୩ ପ୍ରିଜାଇଡିଂ, ପ୍ରଥମ ପୋଲିଂ ଅଧିକାରୀ ତଥା ସମସ୍ତ ସେକ୍ଟର ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ନିର୍ବାଚନ ଅଧିକାରୀ ତଥା ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହ ମାଷ୍ଟର ତାଲିମଦାତାଭାବେ ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼, ରାୟଗଡ଼ ଅତିରିକ୍ତ ତହସିଲଦାର ସୁନୀଲ ଖୋରା ଉପସ୍ଥିତ ଥିଲେ। ପୌର ନିର୍ବାହୀ ଅଧିକାରୀ ବିଲାଲ ଅହମ୍ମଦ, ତହସିଲଦାର ତାପସ ରାଉତ, ଏସ୍‌ଡିପିଓ ସୂର୍ଯ୍ୟନାରାୟଣ ମହାରଣା, ଚନ୍ଦ୍ରଶେଖର ରଥ, ପିଏ ଗୋପାଳ ପଣ୍ଡା ପ୍ରମୁଖ ତାଲିମ ପ୍ରଦାନରେ ସହଯୋଗ କରିଥିଲେ।

## ୧୫ ବଖରା ଘର ପୋଡି ପାଉଁଶ

ଗୁଣପୁର,୧୫।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଗେଡା ପଞ୍ଚାୟତ ଅଧୀନ ଚିନାରିଗୁଡାରେ ମଙ୍ଗଳବାର ଅପରାହ୍ଣରେ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ଏଥିରେ ଗାଁର ୫ ପରିବାରର ୧୫ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଗୁଣପୁର ଦମକଳ ବାହିନୀ ପହଞ୍ଚିବା ବେଳକୁ ଘରଗୁଡିକ ପୋଡ଼ି ଧ୍ୱଂସ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ପୀତାମ୍ବର ଶବର, ସୁରେନ୍ଦ୍ର ଶବର, ସର୍ବିସିଂ ଶବର, ବାୟାଣି ଶବର ଏବଂ ନାମା ଶବରଙ୍କ ଘର ଜଳିଯାଇଛି। ରୋଷେଇ କଲାବେଳେ ନିଆଁ ଲାଗି ବ୍ୟାପି ଯାଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କ ସମେତ ରାଜସ୍ୱ ବିଭାଗ



ଅଧିକାରୀମାନେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ସେମାନଙ୍କୁ ନିକଟସ୍ଥ କମ୍ୟୁନିଟି ହଲରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ରନ୍ଧାଖାଦ୍ୟ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ରୋଡ୍ ଶୋ'ରେ ଯାଇ ପ୍ରଚାର କଲେ ପ୍ରାର୍ଥୀ



ଉମରକୋଟ, ୧୫।୩(ସ୍ୱ.ପ୍ର.)

ପୌର ନିର୍ବାଚନ ପାଇଁ ଉମରକୋଟ ସହରରେ ପ୍ରଚାର ଜୋରଦାର ଚାଲିଛି। ବିଭିନ୍ନ ଦଳର ପ୍ରାର୍ଥୀ ସମର୍ଥକଙ୍କ ସହ ବୁଲି ପ୍ରଚାର ଚଳାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ପକ୍ଷରୁ ଏକ ରୋଡ ସୋ ବାହାରିଥିଲା। ବାଜା ଓ ଗୀତ ସହରର ରାଜନୈତିକ ମହଲକୁ ଆହୁରି ଉଷ୍ମ କରୁଛି। ଉମରକୋଟ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ଓ ଡିଏନ୍‌କେ ଠାରେ ପହଞ୍ଚିଥିଲା। ବିଜେଡିର ଅଧକ୍ଷା ପ୍ରାର୍ଥୀ ରାଧା ଭତରା ଓ କାଉନ୍‌ସିଲର ପ୍ରାର୍ଥୀମାନେ ଭୋଟ ଭିକ୍ଷା କରିଥିଲେ। ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି, ବରିଷ୍ଠ ବିଜେଡି ନେତା ପ୍ରମୋଦ ପାଢ଼ୀ, ବ୍ଲକ ବିଜେଡି ସଭାପତି ମୋନାଜ କୁମାର ଧଳ, ବରିଷ୍ଠ ବିଜେଡି ନେତା କାଳୁ ପଣ୍ଡା, ସୁଧାଂଶୁ ଦାସ, ଗୋପାଳ ପଟ୍ଟନାୟକ, ନଗର ସଭାପତି କୈଳାସ ନାୟକ, ଗଜି ନାୟକ, ଗିରି ପତି, ଚନ୍ଦନା ମଲିକ,ରଶ୍ମି ସାନ୍ତ୍ରା,ସଞ୍ଜୁକ୍ତା ପଟ୍ଟନାୟକଙ୍କ ସମେତ ଅନେକ ମହିଳା କର୍ମୀ ଏହି ରୋଡ଼ ଶୋ' ରେ ଯୋଗ ଦେଇଥିଲେ।

## ଆରମ୍ଭ ହେଲା ଡିଗ୍ରୀ କଲେଜର କ୍ରୀଡ଼ା ଉତ୍ସବ

ଗୁଣପୁର,୧୫।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଉମ୍ବସରା ଆଞ୍ଚଳିକ ଡିଗ୍ରୀ କଲେଜରେ ମଙ୍ଗଳବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. କୃଷ୍ଣଚନ୍ଦ୍ର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଉମ୍ବସରାର ଅଧିଷ୍ଠାତ୍ରୀ ଦେବୀ ଟାଙ୍ଗୀ ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ କ୍ରୀଡ଼ା ମଶାଲ ବାହାରିଥିଲା। ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହା ପରେ କ୍ରୀଡ଼ା ଉତ୍ସବ ଆରମ୍ଭ କରାଯାଇଥିଲା। କ୍ରୀଡ଼ା ବିଭାଗ ଅଧ୍ୟାପକ ସୁମନ ଶବରଙ୍କ ତତ୍ତ୍ୱାବଧାନରେ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀକାନ୍ତ ରଥ ଉପସ୍ଥିତ ରହି ଶପଥ ପାଠ କରାଇଥିଲେ। ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଏସ୍. ରୁଦ୍ରେଶ୍ୱର ମୁଖ୍ୟବକ୍ତା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବାସୁଦେବ ସାହୁକାର, ପରିଚାଳନା କମିଟି ସଭ୍ୟ ସୋମନାଥ ଗମାଙ୍ଗ, ଉମ୍ବସରା ରାଜସ୍ୱ ନିରୀକ୍ଷକ ଆନନ୍ଦ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ରାମକୃଷ୍ଣ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ରତିକାନ୍ତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କ୍ରୀଡ଼ା ଉତ୍ସବ ଉପଲକ୍ଷେ ବାହାରିଥିବା ମଶାଲ ଶୋଭାଯାତ୍ରା।

## ଗର୍ଭବତୀ, ପ୍ରସୂତିଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଦିଅ

ବିଷମକଟକ, ୧୫।୩(ଡି.ଏନ୍.ଏ.)

**ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଲେ କାୟାକଳ୍ପ ଟିମ୍**



ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ମଙ୍ଗଳବାର ଆସିଥିଲେ। ଏହି ଟିମ୍‌ରେ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡା. ଜୀବନ ଷଡ଼ଙ୍ଗୀ, ପୀୟୂଷ ରଞ୍ଜନ ମହାନ୍ତି, ଚକ୍ରଧର ସାହୁ ଆସିଥିଲେ। ସେମାନେ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିବା ସହ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗ କକ୍ଷଗୁଡ଼ିକ ବୁଲି ଦେଖିବା ସହ ଗର୍ଭବତୀ ଓ ପ୍ରସୂତିଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଷ୍ଠୀ କେନ୍ଦ୍ରରେ ସମସ୍ତ କର୍ମଚାରୀଙ୍କ ସମସ୍ୟା ବିଷୟରେ ବୁଝିଥିଲେ। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ କୌଣସି ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଟିମ ଔଷଧ ବିତରଣ କେନ୍ଦ୍ର, ରକ୍ତ ନମୁନା ସଂଗ୍ରହ କେନ୍ଦ୍ର, ଅନ୍ତଃ ବିଭାଗ ଓ ବହିଃ ବିଭାଗ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ କହିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ଓ ରକ୍ତ ନମୁନା ସଂଗ୍ରହ କେନ୍ଦ୍ରରେ ପରିଦର୍ଶନରେ ଆସିଥିବା ଅଧିକାରୀମାନେ ଡେମୋ ଦେଖାଇଥିଲେ। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଂଶୁମାନ୍ ଚୌଧୁରୀ, ବିପିଏମ୍ ପ୍ରଭାକର ଧଳ, ବିଇ ଜୋଛନା ମହାରଣା, ବାଡ଼ା ରାମ ଚାଳ ଗୌଡ଼ ଓ ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ରାସ୍ତା କଡ଼ରେ ଛିଡା ହୋଇଥିବା ଯୁବକଙ୍କ ଉପରେ ଓଲଟି ପଡିଲା ଟ୍ରକ୍

ବିଷମକଟକ,୧୫।୩(ଡି.ଏନ୍.ଏ.)

ନୀଳଗିରି କାଠ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡରେ ଛିଡା ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିଷମକଟକସ୍ଥିତ ଖ୍ରୀଷ୍ଟିୟାନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଜଣକ ତାମିଲନାଡୁ ଅଞ୍ଚଳର ଦହି ସ୍ୱାମୀ। ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

ରାୟଗଡା ଜିଲା ବିଷମକଟକ ଥାନା ଅଧୀନ ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟ ରାଜ୍ୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି। ବିଷମକଟକରୁ ଜେକେ କାଗଜ କଳ ଅଭିମୁଖେ ଏକ ନୀଳଗିରି କାଠ ବୋଝେଇ ଟ୍ରକ୍ ଦ୍ରୁତ ଗତିରେ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡିଲା। ତାମିଲନାଡୁରୁ ନଳକୂପ ଖନନ ପାଇଁ ଆସିଥିବା ଦହିଙ୍କ ଉପରେ କାଠ ଲଦି ହୋଇଯାଇଥିଲା। ପେଟ୍ରୋଲ ପମ୍ପ କର୍ମଚାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କର ଖ୍ରୀଷ୍ଟିଆନ ମେଡିକାଲରେ ଭର୍ତ୍ତି କରିଥିଲେ। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଅଛନ୍ତି।

## ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

ରାଇଘର,୧୫।୩(ଡି.ଏନ୍.ଏ.)

ସୀମା ସୁରକ୍ଷା ବାହିନୀ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା ସହ ମାଓବାଦୀ ହିଂସାକୁ ପ୍ରତିହତ କରିବା ନିମନ୍ତେ ସିଆର୍‌ପିଏଫ୍ ୧୨ ବାଟାଲିୟନ ପକ୍ଷରୁ ରାଇଘର ବ୍ଲକ ଫୁଟନାଡ଼ାଠାରେ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ୟାମ୍ପର ଜିଲାସ୍ତରୀୟ ମୁଖ୍ୟ ଏନ୍. ରତନ କୁମାର ସିଂ ଏବଂ ତାଙ୍କ ସ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ରାଇଘର ତହସିଲଦାର ଶକ୍ତି ମହାପାତ୍ର, ଥାନାଧିକାରୀ ଟଙ୍କଗିରି ଭୋଇ, ନବ ନିର୍ବାଚିତ ହଳଦୀ ସରପଞ୍ଚ ଅମ୍ବିକା ଗଣ୍ଡ, ସମିତି ସଭ୍ୟା ସସ୍ମିତା ଗଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଗ୍ରାମବାସୀଙ୍କୁ ସୋଲାର ଟର୍ଚ୍ଚ, ପାଣି ଡ୍ରମ୍, ରେଡିଓ ବଣ୍ଟନ କରିଥିଲେ। ଫୁଟନାଡ଼ା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଛି। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଅତିଥିମାନେ ଜଣେ ମହିଳାଙ୍କୁ ରେଡିଓ ଦେଉଛନ୍ତି।

## ୧୦ ୱାର୍ଡରେ ପ୍ରାର୍ଥୀ ଦେଇପାରିଲାନି କଂଗ୍ରେସ

ନବରଙ୍ଗପୁର,୧୫।୩(ବି.ପ୍ର.)

- କାଉନ୍‌ସିଲର ପଦରେ ଭାଜପା-ବିଜେଡି କଡା ଟକ୍କର
- ସ୍ୱାଧୀନ ପ୍ରାର୍ଥୀ ନେବେ ନିର୍ଣ୍ଣାୟକ ଭୂମିକା

ନବରଙ୍ଗପୁର ପୌରାଞ୍ଚଳରେ ୧୭ ୱାର୍ଡ। ଭୋଟର ସଂଖ୍ୟା ୨୪ ହଜାର ୬୮୫। ୪ଜଣ ଅଧକ୍ଷ ପ୍ରାର୍ଥୀ ସମେତ ୫୩ ଜଣ କାଉନ୍‌ସିଲର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। କଂଗ୍ରେସ ମାତ୍ର ୭ଟି ୱାର୍ଡରେ ପ୍ରାର୍ଥୀ ଦେଇଛି, ୧୦ ୱାର୍ଡରେ ପ୍ରାର୍ଥୀ ଦେଇପାରି ନାହିଁ। ଜିଲା ସଭାପତି ମୁନା ତ୍ରିପାଠୀ ଅସ୍ତ୍ରୋପଚାର ପରେ ଅସୁସ୍ଥ ଅଛନ୍ତି। ଜିଲା ସଭାପତି ଅସୁସ୍ଥ ଥିବା କାରଣରୁ ଦଳ ସବୁ ୱାର୍ଡରେ ପ୍ରାର୍ଥୀ ଦେଇପାରିଲା ନାହିଁ ବୋଲି ଚର୍ଚ୍ଚା ହେଉଛି। ଏହା ଭିତରେ କାଉନ୍‌ସିଲର ପଦରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଲୋଚନା ହେଉଛି।

ୱାର୍ଡ ନଂ.୧, ୨, ୫, ୬, ୭, ୮, ୯, ୧୦, ୧୩ ଓ ୧୭ରେ କଂଗ୍ରେସ ପ୍ରାର୍ଥୀ ନାହାନ୍ତି। ଏହି ୱାର୍ଡଗୁଡ଼ିକରେ ବିଜେଡି ଓ ଭାଜପା ପାଇଁ ପଥ ସୁଗମ ହୋଇଛି। ଅନ୍ୟପକ୍ଷେ କଂଗ୍ରେସର ନିର୍ବାଚନ ଖର୍ଚ୍ଚ ମଧ୍ୟ କମିବ ବୋଲି ଆଶା କରାଯାଉଛି। ୱାର୍ଡ ନଂ.୧ରେ ଭାଜପା, ବିଜେଡି ଓ ସ୍ୱାଧୀନ ପ୍ରାର୍ଥୀ, ୱାର୍ଡ ୨ରେ ଭାଜପା ଓ ବିଜେଡି, ୱାର୍ଡ ୩ରେ ଭାଜପା, କଂଗ୍ରେସ ଓ ବିଜେଡି, ୫ରେ ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା ହେବ। ୬, ୭, ୮, ୯ ୱାର୍ଡରେ ଭାଜପା ଓ ବିଜେଡି, ୧୦ ନମ୍ବର ୱାର୍ଡରେ ଭାଜପା, ବିଜେଡି ଓ ସ୍ୱାଧୀନ, ୧୧ ଓ ୧୨ ନମ୍ବର ୱାର୍ଡରେ କଂଗ୍ରେସ, ଭାଜପା ଓ ବିଜେଡି, ୧୩ ନମ୍ବର ୱାର୍ଡରେ ଭାଜପା, ବିଜେଡି ଓ ୨ ଜଣ ସ୍ୱାଧୀନ ପ୍ରାର୍ଥୀ, ୧୪, ୧୫ ଓ ୧୬ ନମ୍ବର ୱାର୍ଡରେ କଂଗ୍ରେସ, ଭାଜପା, ୧୭ ନମ୍ବର ୱାର୍ଡରେ ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଅଧକ୍ଷ ପଦ ପାଇଁ ଭାଜପା, କଂଗ୍ରେସ, ବିଜେଡି ସମେତ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସ୍ୱାଧୀନ ପ୍ରାର୍ଥୀ ମନୋଜ ସଗରିଆ ନାମାଙ୍କନ ପ୍ରତ୍ୟାହାର ପରେ ବିଜେଡିରେ ମିଶିଛନ୍ତି। ଏହା ବିଜେଡି ପ୍ରାର୍ଥୀ ଭୀମ ହରିଜନଙ୍କୁ ସୁହାଉଛି। ସ୍ୱାଧୀନ ପ୍ରାର୍ଥୀ ଅରୁଣ ପୂଜାରୀ, ସରୋଜ ବେହେରାଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ଭାଜପା ପ୍ରାର୍ଥୀ କୁନୁ ନାୟକଙ୍କ ପଥ ପରିଷ୍କାର ହୋଇଛି। ଏଭଳି ସ୍ଥଳେ ଅଧକ୍ଷ ପଦ ପାଇଁ ଭାଜପା, ବିଜେଡି, କଂଗ୍ରେସ ପ୍ରାର୍ଥୀ ନିଲମ ହରିଜନ ଓ ସ୍ୱାଧୀନ ପ୍ରାର୍ଥୀ ସାଗର ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସ୍ୱାଧୀନ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ନେବେ।

# ସମସ୍ୟାରେ ଚଳୁଛନ୍ତି ତଳ ଟିକାପାରର ୪୦ ପରିବାର

**ସୁନାବେଡ଼ା, ୧୫।୩(ସ୍ୱ.ପ୍ର.)**

- ସମସ୍ୟା ପ୍ରତି ଆଖି ବୁଜିଦେଇଛି ପୌର ପ୍ରଶାସନ
- ଲୋକଙ୍କ ପାଖରେ ଜବ୍‌କାର୍ଡ ଅଛି, କାମ ନାହିଁ
- ଆବାସ ଯୋଜନାରେ ହିତାଧିକାରୀଙ୍କୁ ମିଳୁନି ଘର

କୋରାପୁଟ ଜିଲା ସୁନାବେଡ଼ା ପୌର ପରିଷଦର ୯ ନମ୍ବର ୱାର୍ଡ ରୂପେ ପରିଚିତ ତଳ ଟିକାପାର ଅଞ୍ଚଳବାସୀ ବିଭିନ୍ନ ସମସ୍ୟାରେ ଦିନ କାଟୁଛନ୍ତି। ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାରର ୨ଶହରୁ ଅଧିକ ଲୋକ ଏଠାରେ ବାସ କରନ୍ତି। ପାହାଡ଼ର ପାଦଦେଶରେ ଥିବା ଏହି ୱାର୍ଡର ପାହାଡ଼ ଉପରେ ପାଣିଟାଙ୍କି ଥାଇ ମଧ୍ୟ ପିଇବାପାଣି ଲୋକଙ୍କୁ ମିଳୁନାହିଁ। ପିଏଚ୍‌ଡି ପକ୍ଷରୁ କିଛି ବର୍ଷ ତଳେ ପାଇପ୍ ଲାଇନ ବିଛାଇ ପାଇପ୍ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇଥିଲା। କିଛିଦିନ ଜଳ ଯୋଗାଣ ହୋଇଥିଲା ବେଳେ ବର୍ତ୍ତମାନ ପାଇପ ଷ୍ଟାଣ୍ଡ ଭାଙ୍ଗିରୁଜି ଗଲାଣି। ଅନେକ ସମୟରେ ଜଳ ଯୋଗାଣରେ ଅବହେଳା ଯୋଗୁ ୱାର୍ଡବାସୀ ହଇରାଣ ହେଉଛନ୍ତି। ଏଠାରେ ୪୦ ପରିବାର ନିମନ୍ତେ ରହିଛି ମାତ୍ର ଗୋଟିଏ ନଳକୂଅ। ତାହା ପୁଣି ବହୁଦିନ ହେଲା ଅଚଳ ହୋଇ ପଡ଼ିଛି। ଫଳରେ ନିକଟସ୍ଥ ନଦୀନାଳ ଉପରେ ଲୋକେ ନିର୍ଭରକରି ଚଳୁଛନ୍ତି। ତଳ ଟିକାପାରର ରାସ୍ତାଘାଟ ଅବସ୍ଥା ମଧ୍ୟ ନ କହିବା ଭଲ। ଦୀର୍ଘ ବର୍ଷ ହେବ ୱାର୍ଡକୁ ପଡ଼ିଥିବା ରାସ୍ତା ଶୋଚନୀୟ ହୋଇପଡ଼ିଲାଣି। ସେହିପରି ହାଲ୍ କର୍ତ୍ତୃପକ୍ଷ ସିଏସ୍‌ଆର୍ ଯୋଜନାରେ ଏକ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରି ଆନୁଷଙ୍ଗିକ ବ୍ୟବସ୍ଥା ଯଥା ପାଣିଟାଙ୍କି, ପାଣି ପାଇପ୍ ସଂଯୋଗ କରି ନ ଥିବାରୁ ଏଯାଏ ଶୌଚାଳୟରେ ତାଲା ପଡ଼ି ରହିଛି। ଫଳରେ ଏହା ଲୋକଙ୍କ କାମରେ ଆସୁନାହିଁ। ଏଠାରେ ବିଦ୍ୟୁତ୍ ସମସ୍ୟା ମଧ୍ୟ ଲାଗି ରହିଛି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ସାହିର ଡମ ହାନ୍ତାଳଙ୍କ ସ୍ତ୍ରୀ ମଙ୍ଗୁଳି ହାନ୍ତାଳ ପୌର ପ୍ରଶାସନ କାର୍ଯ୍ୟାଳୟକୁ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲା ଦୌଡ଼ି ଏଯାଏ ପାଇନାହାନ୍ତି। ଜରିପାଲ ବନ୍ଧା ଭଙ୍ଗାରୁଜା ଘରେ ସେ ପରିବାର ସହ ରହୁଛନ୍ତି। ଅନେକ ପରିବାର ଆବାସ ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ସେମାନଙ୍କୁ ମିଳିନାହିଁ। ପୌର କାର୍ଯ୍ୟାଳୟଠାରୁ ମାତ୍ର ୧ କି.ମି. ଦୂରରେ ଥିବା ଏହି ଗ୍ରାମରେ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ୍‌କାର୍ଡ ମିଳିଛି। ହେଲେ କାମ ମିଳୁନାହିଁ। କାମ ନ ପାଇ ଲୋକେ ହାତବାନ୍ଧି ବସିଛନ୍ତି। ନିର୍ବାଚନ ସମୟରେ ସବୁ ସମସ୍ୟାର ସମାଧାନ କରିଦେବେ ବୋଲି ପ୍ରତିଶ୍ରୁତି ଦେଉଥିବା ରାଜନେତା ନିର୍ବାଚନ ସରିଗଲେ ପ୍ରତିଶ୍ରୁତି ଭୁଲିଯାନ୍ତି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା।

ଏସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନାଙ୍କୁ ପଚାରିବାରୁ ସେ କହିଲେ ୨/୩ ମାସହେଲା ମୁଁ ଏଠିକୁ ଆସିଛି। ତଳ ଟିକାପାରର ସମସ୍ୟାଗୁଡ଼ିକ ସମ୍ପର୍କରେ ଅବଗତ ଅଛି। ଏବେ ତ ନିର୍ବାଚନ ଚାଲିଛି, କିଛି କରି ହେବନି। ୩୦ ତାରିଖ ପରେ ସମସ୍ୟାଗୁଡ଼ିକ ସମାଧାନ ଦିଗରେ ପଦକ୍ଷେପ ନିଆଯିବ।


ଭାଙ୍ଗିରୁଜି ପଡିଥିବା ପାଇପ୍।


ଆବାସ ଯୋଜନାରେ ଘର ମିଳୁ ନ ଥିବାରୁ ଭଙ୍ଗାଦଦରା ଘରେ ରହୁଛନ୍ତି ହିତାଧିକାରୀ।

## ସଂକ୍ଷେପରେ

### ଶତାଧିକ ଯୁବକଙ୍କୁ ନେଇ ଜିଲା ଯୁବ ସମ୍ମେଳନ



ମାଲକାନଗିରି, ୧୫।୩(ଡି.ଏନ୍.ଏ.)- ମାଲକାନଗିରି ଜିଲା ଡିଆରଡିଏ ସମ୍ମିଳନୀ କକ୍ଷରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଜିଲା ଯୁବ ସମ୍ମେଳନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂ ଯୋଜକ ହରିଶ ରୁପାଲ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ଯୋଗ ଦେଇଥିଲେ। ଯୁବ ପିଢି ଯେପରି କର୍ମ ନିଯୁକ୍ତି ପାଇଁ ତାଲିମ ନେଇ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇପାରିବେ ତାହା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି ଅବସରରେ କେତେକ ଯୁଥ୍ କ୍ଲବର ଯୁବକମାନଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ମାଲକାନଗିରି ଜିଲାର ସମସ୍ତ ବ୍ଲକରୁ ୧୦୦ ଜଣ ଯୁବକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ କାର୍ଯ୍ୟକ୍ରମ ପରିଚାଳକ ନେହେରୁ ଯୁବ କେନ୍ଦ୍ରର ସନ୍ତୋଷ କୁମାର ପାତ୍ର, କେ. ରୋଲାକ୍ସି, ଦୁର୍ଗା ପ୍ରସାଦ ରାଜ, ସାଧାରଣ ପରିଚାଳକ ତରୁଣକାନ୍ତ ମହାନ୍ତି, ଜିଲା କର୍ମ ନିୟୋଜନ ଅଧିକାରୀ ମନସ୍ୱି ସେଠୀ, ସମାଜିକ କର୍ମୀ ବିନାଶ ମିଶ୍ର, ଯୋଗଗୁରୁ ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ପଞ୍ଚାୟତରେ ଦାୟିତ୍ୱ ଗ୍ରହଣ କଲେ ନୂଆ ସରପଞ୍ଚ

ପଡିଆ, ୧୫।୩(ଡି.ଏନ.ଏ.)- ମାଲକାନଗିରି ଜିଲା ପଡିଆ ସଦର ପଞ୍ଚାୟତରେ ମଙ୍ଗଳବାର ନବ ନିର୍ବାଚିତ ସରପଞ୍ଚ ଗଙ୍ଗା କାରାମ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରେ ବରିଷ୍ଠ ନେତା ଏମଡି ଫାରୁକ, ପଡିଆ ବ୍ଲକ ଏମ୍‌ପି ପ୍ରତିନିଧି ସି ଏଚ୍ ରବିଟ କୁମାର, ବ୍ଲକ ସଭାପତି କେ. ଚନ୍ଦ୍ରୟା, ମାଟେରୁ ସରପଞ୍ଚ, ନିଲିଗୁଡ଼ା ପୂର୍ବତନ ସରପଞ୍ଚ, ତୋକାଲ ଷ୍ଟିଭେନ, ପଞ୍ଚଲା ଦିଲୀପ, ପିଇଓ ତାରକ ସାନା ଏବଂ ଯୋଗାଣ ସହାୟକ ଭିମା ରାଓ ଉପସ୍ଥିତ ରହି ନବ ନିର୍ବାଚିତ ସରପଞ୍ଚ କାରାମଙ୍କୁ ସ୍ୱାଗତ କରିଥିଲେ। ସେହିପରି ପଡିଆ ବ୍ଲକ ଅଧୀନ କାଲଧାପଲି ପଞ୍ଚାୟତରେ ମଧ ନବ ନିର୍ବାଚିତ ସରପଞ୍ଚ ସରିତା କୁଞ୍ଜମି ଦାୟିତ୍ୱ ଗ୍ରହଣ କରିଥିଲେ। କିପରି ଆମ ଅଞ୍ଚଳର ଉନ୍ନତି ହେବ, ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ଗୁରୁତ୍ୱ ଦେଇ ସେ କାର୍ଯ୍ୟ କରିବେ ବୋଲି କୁଞ୍ଜମି କହିଛନ୍ତି।

### ପାଣିରେ ବୁଡି ବାଳକ ମୃତ

ମାଲକାନଗିରି, ୧୫।୩(ଡି.ଏନ୍.ଏ.) ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଅନ୍ତର୍ଗତ ବଡାଆକିଆଗୁଡା ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳକ ନିକଟରେ ଥିବା ବନ୍ଧରେ ଗାଧୋଇବାକୁ ଯାଇ ବନ୍ଧରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଶଙ୍କର ପଲାସିଙ୍କ ପୁଅ ପୂର୍ଣ୍ଣ ପଲାସି (୬)। ଖବରରୁ ଜଣାପଡିଛି ନାକାମାମୁଡି ପଞ୍ଚାୟତର ଏହି ବଡାଆକିଆଗୁଡା ଗ୍ରାମ ଘାଟି ଉପରେ ରହିଛି। ଏହି ଗ୍ରାମକୁ ଏଯାଏ ରାସ୍ତା ନାହିଁ। ଗତ ଡିସେମ୍ବର ମାସରୁ ଏହି ଅଞ୍ଚଳରେ ରାସ୍ତା ନିର୍ମାଣ ଚାଲିଥିଲା। ରାସ୍ତା କାମ ପାଇଁ ପାଣିର ଅଭାବ ଥିବାରୁ ଗ୍ରାମ ନିକଟରେ ଏକ ବଡ ଗାତ ଖୋଳି ସେଠାରେ ପାଣି ଗଚ୍ଛିତ ରଖାଯାଇ କାମ ହେଉଥିଲା। ସେହି ପାଣିରେ ଗାଧୋଇବା ପାଇଁ ମଙ୍ଗଳବାର ପୂର୍ଣ୍ଣ ଯାଇଥିଲେ। ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ଏହା ଗ୍ରାମବାସୀ ଜାଣିବା ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ସେଠାରେ ପହଞ୍ଚି ପୂର୍ଣ୍ଣଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଖବର ପାଇ ଘଟଣା ସ୍ଥଳରେ କେର୍ଲ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ଆର.ଉଦୟଗିରି, ୧୫।୩(ଡି.ଏନ୍.ଏ.)- ଅଡ଼ବା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ୩ ମାସ ଗର୍ଭବତୀ ହେବା ପରେ ତାଙ୍କୁ ବିବାହ କରିବାକୁ ଅଭିଯୁକ୍ତ ମନା କରିଦେଇଥିଲେ। ଏ ନେଇ ନାବାଳିକା ଅଡ଼ବା ଥାନାରେ ଅଭିଯୋଗ କରିଥିଲେ।

## ଚୋରି ମାମଲାରେ ୪ ଗିରଫ



**ଜୟପୁର, ୧୫।୩(ନି.ପ୍ର.)**

ଜୟପୁର ସଦର ଥାନା ନିକଟସ୍ଥ ମୁଳାସୁରଠାରେ ଜରେ ଠିକାଦାର ରଖିଥିବା ନିର୍ମାଣ ସାମଗ୍ରୀକୁ ଚୋରି କରିଥିବା ୪ ଅଭିଯୁକ୍ତ ମଙ୍ଗଳବାର ଗିରଫ ହୋଇଛନ୍ତି। ସେମାନେ ହେଲେ ଖ୍ରୀଷ୍ଟିଆନପେଟାର ସଜିଦ ଖାନ(୪୯), ବୋରିଗୁମ୍ମା ଥାନା ଦଣ୍ଡସେନାଗୁଡାର ଡମ୍ବୁ ମୁଦୁଲି(୨୪), ଅନି ମୁଦୁଲି(୨୫) ଓ ଟୁନୁ ମୁଦୁଲି(୨୪) । ପୋଲିସ ସେମାନଙ୍କଠାରୁ ଟାଟା ମ୍ୟାଜିକ ଗାଡି, ୪ଟି ଚ୍ୟାନେଲ, ୨୦ଟି ପାଇପକୁ ଜବତ କରିଛି । ଏସବୁ ସାମଗ୍ରୀ ଚୋରି ପରେ ଠିକାଦାର ସଞ୍ଜୟ ବୋବାଲି ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ସେମାନେ ଚୋରି ସମଗ୍ରୀକୁ ବିକ୍ରି ପାଇଁ ଯୋଜନା କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛଇ ବୋଲି ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା କହିଛନ୍ତି।

# ଆମିଷ ବଜାରକୁ ଯାଉନାହାନ୍ତି ବ୍ୟବସାୟୀ, ପ୍ରଶାସନ ଚୁପ୍

**କୋଟପାଡ଼, ୧୫।୩(ଡି.ଏନ୍.ଏ.)**

କୋରାପୁଟ ଜିଲା କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗତବର୍ଷ ବାସୁଗୁଡ଼ା ନିକଟରେ ୪୫ ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ବଜାର ପ୍ରତିଷ୍ଠା ପାଇଁ ଗୃହ ନିର୍ମାଣ ହୋଇଥିଲା। ଏଠାରେ ଆମିଷ ବଜାର କରିବାକୁ ପରିଷଦ ନିଷ୍ପତ୍ତି ନେଇଥିଲା। ମାତ୍ର ଏହି ଗୃହଗୁଡ଼ିକ ଏଯାଏ ଅବ୍ୟବହୃତ ହୋଇପଡ଼ିଛି। ପୂର୍ବରୁ ଆମିଷ ବ୍ୟବସାୟୀମାନେ ରାସ୍ତା ପାର୍ଶ୍ୱ, କୋର୍ଟ ଛକ, ଜାତୀୟ ରାଜପଥ ପାର୍ଶ୍ୱ ସହ ପ୍ରତ୍ୟେକ ସାହି ଛକରେ ବସି ବ୍ୟବସାୟ କରୁଥିଲେ। ଆମଷ ବଜାର ନିର୍ମାଣ ପରେ ତତ୍କାଳୀନ ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ଆମିଷ ବ୍ୟବସାୟୀଙ୍କୁ ତାଗିଦକରି ଏହି ନୂତନ ବଜାରକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ କିଛି ମାସ ଧରି ବଜାର ଚାଲିଥିଲା। ସାମନ୍ତରାୟଙ୍କ ବଦଳି ପରେ ପୁଣି ଆମିଷ ବ୍ୟବସାୟୀମାନେ ସେମାନଙ୍କର ପୁରୁଣା ସ୍ଥାନକୁ ଫେରିଆସି ବ୍ୟବସାୟ ଆରମ୍ଭ କରିଥିଲେ। ଏନେଇ ଜନସାଧାରଣ ଜୟପୁର ଉପଜିଲାପାଳ ଓ ବର୍ତ୍ତମାନର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବ୍ୟବସାୟୀ ନୂତନ ବଜାରକୁ ଆସୁ ନ ଥିବାରୁ ୪୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୃହଗୁଡ଼ିକ ନଷ୍ଟ ହେବାରେ ଲାଗିଛି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଖରାଙ୍କୁ ପଚାରିବାରୁ ସେ କହିଛନ୍ତି, ଆଗାମୀ ଦିନରେ ସମସ୍ତ ବ୍ୟବସାୟୀଙ୍କୁ ଆମିଷ ବଜାରକୁ ପଠାଇ ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ ସେ ପଦକ୍ଷେପ ନେବେ। ସୂଚନାଯୋଗ୍ୟ, ଏହି ବଜାରକୁ ସ୍ଥାନୀୟ ବିଧାୟିକା ତଥା ହସ୍ତତନ୍ତ ବୟନ ଶିଳ୍ପୀ ମନ୍ତ୍ରୀ ପଦ୍ମିନୀ ଦିଆନ ସେତେବେଳେ ଉଦ୍‌ଘାଟନ କରିଥିଲେ।


ବାସୁଗୁଡ଼ାଠାରେ ଅବ୍ୟବହୃତ ହୋଇପଡ଼ିଥିବା ଆମିଷ ବଜାର।

# ଏନ୍‌ସିସିରେ ସଫଳତା ପାଇଁ ଭିଏସ୍ ବିଦ୍ୟାଳୟର ଛାତ୍ର ଅନ୍ୱେଷଙ୍କୁ ସ୍ୱର୍ଣ୍ଣ ପଦକ



**ସୁନାବେଡା, ୧୫।୩(ସ୍ୱ. ପ୍ର.)**

ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ଭିଏସ୍ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଅନ୍ୱେଷ ବିଶ୍ୱାଳ ୨୦୨୧-୨୦୨୨ ଶିକ୍ଷାବର୍ଷ ପାଇଁ ଏନସିସି ନିର୍ଦ୍ଦେଶାଳୟ ପକ୍ଷରୁ ସର୍ବୋତ୍ତମ ଏନସିସି ଜୁନିୟର୍ ଡିଭିଜନ୍ କ୍ୟାଡେଟ୍ ଭାବରେ ମନୋନୀତ ହୋଇଛନ୍ତି। ଏନସିସି କାର୍ଯ୍ୟରେ କ୍ରମାଗତ ଭାବେ ଭଲ ପ୍ରଦର୍ଶନ ପାଇଁ ତାଙ୍କୁ ରାଜ୍ୟପାଳଙ୍କ ସ୍ୱର୍ଣ୍ଣପଦକ ସହ ନଗଦ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ଇନଫେଣ୍ଟ୍ରି ଇନ୍‌ଡିପେଣ୍ଡାଣ୍ଟ କମ୍ପାନୀ, ଜୟପୁର କମାଣ୍ଡିଂ ଅଫିସର କର୍ଣ୍ଣେଲ ନବୀନ ପରାସର ମଙ୍ଗଳବାର ବିଦ୍ୟାଳୟ ପରିଦର୍ଶନ କରି କ୍ୟାଡେଟ ଅନ୍ୱେଶଙ୍କୁ ପଦକ ଏବଂ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ସେଠ୍ ଏହି ସଫଳତା ପାଇଁ, କ୍ୟାଡେଟ ଅନ୍ୱେଶ ଏବଂ ଏନସିସି ଶିକ୍ଷକ ଡ. ଜି. ବିନୋଦ କୁମାରଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ଉପାଧକ୍ଷ ପିକେ ମିଶ୍ର, ବରିଷ୍ଠ ଶିକ୍ଷକ ଅନ୍ତର୍ଯ୍ୟାମୀ ପୂଜାହାରି, ସନ୍ଦିପ ପଟ୍ଟନାୟକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଅବକାରୀ ଚଢାଉ, ଜଣେ ଗିରଫ



**ଜୟପୁର, ୧୫।୩ (ନି.ପ୍ର.)**

ଦେଶୀ ମଦ ଚାଲାଣ କରୁଥିବା ବେଳେ ଜଣେ ଯୁବକ ଜୟପୁର ଅବକାରୀ ବିଭାଗ ହାତରେ ଧରାପଡିଛନ୍ତି। ସେ ହେଲେ କୁନ୍ତରଖାଲ ଗ୍ରାମର ରାମେଶ୍ୱର ବିରେ। ତାଙ୍କଠାରୁ ୧୯ ଲିଟର ମଦ ଜବତ କରାଯାଇଛି।

# ବ୍ଲକସ୍ତରୀୟ ଜନଶୁଣାଣିରେ ବିଭିନ୍ନ କାର୍ଯ୍ୟ ସମୀକ୍ଷା

**ଚିତ୍ରକୋଣ୍ଡା, ୧୫।୩(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ପରିସରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ରାହୁଲ ମଣ୍ଡଳ ଅଧକ୍ଷତା କରିଥିଲେ। ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ, ଏମଆଇ ଅଭୟ ଆଦୁ, ସହାୟକ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବେହେରା, ଏପିଓ ଉଚ୍ଛବ ଗିରି, ବ୍ଲକ ସାମାଜିକ ସମୀକ୍ଷକ ବେଲାଲସେନ ଗୁଣ୍ଡା, ବିକ୍ରମ ଶାହ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ ବାଉରିଙ୍କ ଉପସ୍ଥିତିରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ଟି ପଞ୍ଚାୟତର ପଞ୍ଚାୟତସ୍ତରୀୟ ଭିଆରପିମାନଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତରେ ଚାଲିଥିବା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ମମତା ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ପ୍ରାପ୍ୟ ରାଶି ସହ ସେମାନେ ପାଉଥିବା ଛତୁଆ ବଣ୍ଟନର ତଦାରଖ କରାଯାଇଥିଲା। ଏମ୍‌ଏନ୍‌ଆରଇଜିଏସ୍‌ର ହିତାଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଚାଉଳ ମିଳିଛି ନା ନାହିଁ ସମୀକ୍ଷା କରାଯାଇଥିଲା। ପଞ୍ଚାୟତଗୁଡିକରେ ହୋଇଥିବା କାର୍ଯ୍ୟକ୍ରମଗୁଡିକର ସମୀକ୍ଷା ବେଳେ ବାହାରିଥିବା ତ୍ରୁଟି ଏବଂ ସମସ୍ୟାଗୁଡ଼ିକରୁ ତଥ୍ୟ ସଂଗ୍ରହ କରାଯାଇ ବ୍ଲକସ୍ତରରେ ଏହାକୁ ସଂଶୋଧନ ପରେ ଜନଶୁଣାଣି କରାଯାଇଥିଲା । ସରପଞ୍ଚ, ପିଇଓ, ଜିଆରଏସ, ଯୋଗାଣ ସହାୟକ, ଆଇସିଡିଏସ ସୁପରଭାଇଜର, ବନପାଳ, ଉଦ୍ୟାନ କୃଷି ବିଭାଗ କର୍ମଚାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ।

# ଶିରିବେଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଥମ

**ବୈପାରିଗୁଡା, ୧୫।୩ (ଡି.ଏନ୍.ଏ.)**

**ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା**

ମଙ୍ଗଳବାର କୋରାପୁଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବୈପାରିଗୁଡା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତର ଶିରିବେଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରଛନ୍ତି। ପରିବେଶ ସୁରକ୍ଷା ଉପରେ ଛାତ୍ରୀଛାତ୍ରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ କୁଳମଣି ଜେନାଙ୍କ ତତ୍ତ୍ୱାବଧାନରେ ଶିଶୁ କଳାକାର ମାନସାଇ ଦୁରୁଆ, ଲମ୍ବୁ ଦୁରୁଆ, ଧନିରାମ ଦୁରୁଆ, ଶୁକ୍ରି ଦୁରୁଆ, ରୁକ୍ମଣୀ ଦୁରୁଆ ଓ ମଞ୍ଜୁଳା ଦୁରୁଆ ଏଥିରେ ଭାଗ ନେଇଥିଲେ ।



ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

**ଦିଗପହଣ୍ଡି, ୧୫।୩(ଡି.ଏନ୍.ଏ.)**

ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ସୁମନ୍ତପୁର ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟପୁର ଥାନା ଅନ୍ତର୍ଗତ ପୋଡାମାରୀ ଗ୍ରାମ ଦଳିତ ସାହିର ସୁଧାକର ଦାସ(୨୫)। ପାଟପୁର ପୋଲିସ୍ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପାଟପୁର ପୋଲିସ ନଂ.୭୬/୨୨ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ୍ ପଠାଇ ଘଟଣାର ଅନୁସନ୍ଧାନ ଚଳେଇଛି ବୋଲି ଥାନାଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି। ମୃତକ ହିଞ୍ଜିଳିକାଟୁରେ ଏକ ଘରୋଇ ହୋଟେଲରେ କାର୍ଯ୍ୟ କରୁଥିଲେ। ସୋମବାର ହିଞ୍ଜିଳିକାଟୁ ଯାଇ ରାତିରେ ନିଜ ଗ୍ରାମକୁ ବାଇକ୍‌ରେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ସୁମନ୍ତପୁର ରାସ୍ତାକଡ଼ରେ ପଡ଼ି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ପୋଡାମାରୀ ସରପଞ୍ଚ ସନ୍ତୋଷ ବିଷୋୟୀ ମୃତଦେହକୁ ବ୍ୟବଚ୍ଛେଦ କରିବା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲ୍ ପଠେଇବାରେ ସହଯୋଗ କରିଛନ୍ତି।

# ଏକାଙ୍କିକା ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ଗଲେ ବନିତା

**କୋରାପୁଟ, ୧୫।୩ (ସ୍ୱ.ପ୍ର.)**

କୋରାପୁଟ ସରକାରୀ ବାଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଆନ୍ତ ବିଦ୍ୟାଳୟ ସ୍ତରୀୟ ଏକାଙ୍କିକା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବନିତା ମିଣିଆକା ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମୋବାଇଲ ଓ ଇଣ୍ଟରନେଟର ଅପବ୍ୟବହାର ଓ ଛାତ୍ରୀଛାତ୍ରଙ୍କ ଉପରେ ଏହାର ପ୍ରଭାବକୁ ନେଇ ବନିତା ଏକାଙ୍କିକା ଲେଖିଥିଲେ । ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଜିଲା ବିଜ୍ଞାନ ପରିଦର୍ଶକ ଶିବ ଶଙ୍କର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ମାଲକାନଗିରିର ଶତବୀର ମ୍ୟାନେଜର ମନୋନୀତ

**୨୫ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ମାଲକାନଗିରି, ୧୫।୩ (ଡି.ଏନ.ଏ.)**



ଶତବୀର ସିଂ

ମାଲକାନଗିରି ସଦର ମହକୁମାର ଜଣେ ଯୁବ ଫାର୍ମାସିଷ୍ଟ ଶତବୀର ସିଂ ରିଆର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ୨୫ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ପାଇଁ ମ୍ୟାନେଜର ଘୋଷିତ ହୋଇଛନ୍ତି। ଆସନ୍ତା ୧୭ ତାରିଖରୁ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ତ୍ରିଭେନ୍ଦ୍ରୁପୁରମଠାରେ ଆୟୋଜିତ ହେବାକୁ ଥିବା ୨୫ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ସେ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇବେ। ତେବେ ଶତବୀର ଓସିଏ ପକ୍ଷରୁ ମ୍ୟାନେଜର ଘୋଷିତ ହେବା ପରେ ଜିଲାରେ ଖୁସିର ଲହରି ଖେଳିଯାଇଛି। ଏବେ ସେ ଜିଲା କ୍ରିକେଟ ଆସୋସିନଏଶନର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂର୍ବରୁ ସେ ୧୯ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ମଧ୍ୟ ମ୍ୟାନେଜର ଘୋଷିତ ଦାୟିତ୍ୱ ତୁଲାଇଥିଲେ।

# ଦରମା, ଚାକିରି ସର୍ତ୍ତାବଳୀ ନେଇ ନୂଆ ସର୍ତ୍ତ ରଖୁଛି କମ୍ପାନୀ

**ଜୟପୁର, ୧୫।୩ (ନି.ପ୍ର.)**

**ଜୟପୁର କାଗଜକଳ ଖୋଲିବା ପ୍ରସଙ୍ଗ**

- ଆରମ୍ଭ ହେଲାଣି ଶ୍ରମିକ ଅଶାନ୍ତି
- ତ୍ରିପାକ୍ଷିକ ଚୁକ୍ତିନାମାକୁ କରାଯାଉଛି ଅଣଦେଖା
- ବ୍ୟାଙ୍କରୁ ଋଣ ନେଇ କାର୍ଯ୍ୟ ତ୍ୱରାନ୍ୱିତ କରି ନ ଥିଲା

ଜୟପୁରସ୍ଥିତ କାଗଜ କଳରୁ ଉତ୍ପାଦନ ଆରମ୍ଭ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ଶ୍ରମିକମାନଙ୍କ ଦରମା ଓ ଚାକିରି ସର୍ତ୍ତାବଳୀ କୁ ନେଇ ମଦର୍ ଆର୍ଥ କମ୍ପାନୀ ମ୍ୟାନେଜମେଣ୍ଟ ନୂଆ ସର୍ତ୍ତ ସବୁ ରଖୁଛି। ଫଳରେ ଶ୍ରମିକ ଅଶାନ୍ତି ଦେଖା ଦେଇଛି। କାଗଜକଳରେ ସ୍ଥାୟୀ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ମଜୁରି ନିର୍ଦ୍ଧାରଣ ପୂର୍ବରୁ ହୋଇଥିବା ତ୍ରିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ହୋଇଆସୁଛି। ଏହି ଚୁକ୍ତିନାମାରେ ଶ୍ରମିକ ସଙ୍ଗଠନ, ମ୍ୟାନେଜମେଣ୍ଟ ଓ ଶ୍ରମ କମିଶନର ଦସ୍ତଖତ କରିଛନ୍ତି। ଏହା ଏକ ଦୀର୍ଘକାଳୀନ ତ୍ରିପାକ୍ଷିକ ଚୁକ୍ତିନାମା। ଅନ୍ୟପକ୍ଷରେ ମଦର ଆର୍ଥ କମ୍ପାନୀ ଏହି କାଗଜକଳକୁ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ଅନୁସାରେ କିଣିବା ଓ ଚଳାଇବା ପାଇଁ ୧୫୦ କୋଟି ଟଙ୍କା ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କରୁ ନେଇଥିବା ଏବେ ପ୍ରକାଶ କରୁଛି। ସେଥିରୁ ୧୦୦ କୋଟି ଟଙ୍କା ପୁରୁଣା ବିଜିପିପିଏଲ୍ କମ୍ପାନୀର ମାଲିକ ଗୌତମ୍ ଥାପରଙ୍କୁ ଦେଇଛି, ମାତ୍ର ଶ୍ରମିକ-କର୍ମଚାରୀଙ୍କ ବକେୟା ପାଉଣା ବିଷୟକୁ ଅଣଦେଖା କରିଆସୁଛି। କମ୍ପାନୀ ମାଲିକାନା ସତ୍ତ୍ୱ ନେବା ବେଳେ ଶ୍ରମିକ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ବିଷୟରେ କୌଣସି ଆଲୋଚନା କରିନାହିଁ। ୨୦୨୦ ଜୁନ୍‌ରୁ ଋଣ ନେଇ କାର୍ଯ୍ୟ ତରାନ୍ୱିତ କରି ନ ଥିଲା। ବର୍ତ୍ତମାନ ବ୍ୟାଙ୍କ ଅଧିକାରୀମାନେ ଯେତେବେଳେ କାଗଜକଳ ପରିଦର୍ଶନ କରିବାକୁ ଆସୁଛନ୍ତି ମ୍ୟାନେଜମେଣ୍ଟ ଶ୍ରମିକମାନଙ୍କ ଉପରେ ଓଭର୍ ଟାଇମ୍‌ରେ ରହି କାମ କରିବାକୁ ଚାପ ପକାଉଛି। ଏବେ ସମ୍ପୂର୍ଣ୍ଣ ଦରମା ନ ଦେଇ କିଛି ଅଗ୍ରୀମ ଆକାରରେ ଦେଉଛି। ଓଭର୍ ଟାଇମ୍ କାମ କଲେ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ହିସାବରେ ଦେବାକୁ କମ୍ପାନୀ କହୁଛି। ଶ୍ରମିକ କର୍ମଚାରୀ ଓ ସଙ୍ଗଠନ କର୍ମକର୍ତ୍ତାମାନେ ଏହାକୁ ବିରୋଧ କରୁଛନ୍ତି। ଯେଉଁ ଦରମା ହାର ରହିଛି ତାହା କମ୍ପାନୀ ଦେଉ। ଦରମା କାଟ୍ ଛାଣ୍ଟ ଗ୍ରହଣୀୟ ନୁହେଁ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। କାଗଜ କଳ ଉତ୍ପାଦନ ଥରେ ଆରମ୍ଭ ହେଲେ ବନ୍ଦ ହେବନାହିଁ। ଆବଶ୍ୟକତା ଅନୁଯାୟୀ ଶ୍ରମିକ ନାହାନ୍ତି। ଡ୍ୟୁଟିକୁ ଯିବାପାଇଁ ପୂର୍ବରୁ ଯେଉଁ ପରିବହନ ବ୍ୟବସ୍ଥା ରହିଥିଲା ତାହା ମଧ୍ୟ ଦେବାକୁ କମ୍ପାନୀ ନାରାଜ। ଏଭଳି ସ୍ଥିତିରେ କାରଖାନା ଚାଲିବାରେ ଯଦି ସମସ୍ୟା ସୃଷ୍ଟି ହେବ ସେଥିପାଇଁ ମ୍ୟାନେଜମେଣ୍ଟ ଦାୟୀ ରହିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

